ତ୍ରିରୋଗ ପ୍ରତିରୋଧକ ଟମାଟୋ କିସମ - ଅର୍କ ରକ୍ଷକ

ଆମ ରାଜ୍ୟର ବରଗଡ଼ ଜିଲ୍ଲା ପନିପରିବା ଉତ୍ପାଦନରେ ଅଗ୍ରଣୀ ସ୍ଥାନ ଅଖିଆର କରିଛି । ଟମାଟୋ ର ଚାହିଦା ବର୍ଷକ ଭାର ମାସ ଅନୁଭୂତ ହୁଏ । ବଜାରରେ ଟମାଟୋର ଦର ଦିନକୁ ଦିନ ବଢ଼ିଚାଲିଛି । ଏସବୁ ସତ୍ତ୍ୱେ ଟମାଟୋ ଚାଷର ଗୁଡ଼ାଏ ସମସ୍ୟା ଲାଗି ରହିଥାଏ । ଯେପରିକି ଝାଉଁଳା ରୋଗ, ଭୂତାଣୁ ଜନିତ ରୋଗ ଏବଂ ପତ୍ରପୋଡ଼ା (Blight) ରୋଗ ତନ୍ମଧ୍ୟରୁ ପ୍ରମୁଖ । ସଂପ୍ରତି ଭାରତୀୟ ଉଦ୍ୟାନ କୃଷି ଅନୁସନ୍ଧାନ ସଂସ୍ଥାନ ଦ୍ୱାରା ନୂତନ ହାଇବ୍ରିଡ ଟମାଟୋ ଅର୍କ ରକ୍ଷକ କିସମର ଏହି ତ୍ରିରୋଗ ପ୍ରତିରୋଧକ ଶକ୍ତି ଯୋଗୁଁ ସାରା ଭାରତରେ ଚାଷୀ ମାନଙ୍କ ଦ୍ୱାରା ବିଶେଷ ଆଦୃତ ଲାଭ କରିପାରିଛି । ରୋଗ ପ୍ରତିରୋଧକ ଶକ୍ତି ବ୍ୟତୀତ ଏହାର ଲାଲ ରଙ୍ଗ ଏବଂ ଦୀର୍ଘ ସମୟ ରକ୍ଷଣଶୀଳ ଗୁଣ ଯୋଗୁଁ ଚାଷୀ ମାନଙ୍କ ମଧ୍ୟରେ ବିଶେଷ ସ୍ଥାନ ଅଧିକାର କରିଛି । ବରଗଡ଼ ଜିଲ୍ଲାରେ ମଧ୍ୟ ଏହି କିସମ ଟମାଟୋ ଅନେକ ଚାଷୀ ଆପଣେଇ ବିଗତ ସମସ୍ୟାରୁ ମୁକୁଳି ପ୍ରଚୁର ଲାଭବାନ ହୋଇ ପାରିଛନ୍ତି । ବଜାରରେ ମଧ୍ୟ ଖାଉଟି ମାନେ ଏହି କିସମର ଟମାଟୋ ର ଖୁବ୍ ଚାହିଦା ସୃଷ୍ଟି କରୁଛନ୍ତି ।

ଉନ୍ନତ ମୁଗ କିସମ (IPM-02-14)ର କ୍ଷେତ୍ର ପ୍ରଦର୍ଶନୀ

ଚଳିତ ଖରିଫ ୨୦୧୯ ଋତୁରେ କୃଷି ବିଜ୍ଞାନ କେନ୍ଦ୍ର, ବରଗଡ ତରଫରୁ ସୋହେଲା ବ୍ଲକ ଅନ୍ତର୍ଗତ ଚିତାଖାଲ ଗ୍ରାମରେ ୨୦ ହେକ୍ଟର ଜମିରେ ମୁଗ କିସମ ଆଇ.ପି.ଏମ୍-୦୨-୧୪ ର ସମୂହ କ୍ଷେତ୍ର ପ୍ରଦର୍ଶନୀ କରାଯାଇଥିଲା । ଏହି କିସମର ସାହେବୀ ରୋଗ ସହଣୀ କ୍ଷମତା ଅଛି ଓ ଏହା ମଧ୍ୟ ଗ୍ରୀଷ୍ମ ଋତୁରେ ଚାଷ କରାଯାଇପାରିବ । ଏହାର ମଞ୍ଜି ସବୁଜ ବର୍ଣ୍ଣର ଓ ଏହି କିସମ ଏକର କୁ ୪-୫ କ୍ୱି. ଅମଳ ଦେଇଥାଏ ।

ଶିକ୍ଷାର୍ଥୀ ମାନଙ୍କର କୃଷିବିଜ୍ଞାନ କେନ୍ଦ୍ର ପରିଦର୍ଶନ

ତା ୦୮.୦୪.୨୦୧୯ ତିଖ ରେ (DAESI) ଅନ୍ତର୍ଗତ ବରଗଡ଼ର କୃଷି ସାମଗ୍ରୀ ତିଲର ଶିକ୍ଷାର୍ଥୀ ମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏକ ବ୍ୟବହାରିକ ଶିକ୍ଷାର ଆୟୋଜନ କରାଯାଇଥିଲା । ସମଗ୍ର ଯୁନିଟ୍ ପରିଦର୍ଶନ କରି ଉନ୍ନତ କୃଷିର ପଦ୍ଧତି ଉପରେ ଜ୍ଞାନ ଆହରଣ କରିଥିଲେ । ଚିପ୍ରିମିମା ସ୍ଥିତ କୃଷି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଜୈବିକ କୃଷି ସମ୍ବନ୍ଧୀୟ ବ୍ୟବହାରିକ ଜ୍ଞାନ ଉପରେ ବିବରଣୀ ନିମନ୍ତେ ଆମର କୃଷି ବିଜ୍ଞାନ କେନ୍ଦ୍ର ତା ୧୮.୦୪.୨୦୧୯ ତିଖ ଦିନ ପରିଦର୍ଶନରେ ଆସିଥିଲେ । ଜୈବିକ ସାର, ଜୈବିକ କୀଟନାଶକ, ଜୈବିକ ପଦ୍ଧତି ଓ ପ୍ରଣାଳୀ, ଆଜୋଲା, ସବୁଜ ଖେତି ଇତ୍ୟାଦି ଉପରେ କୃଷି ବିଜ୍ଞାନ କେନ୍ଦ୍ର ର ବୈଜ୍ଞାନିକମାନେ ସମ୍ୟକ ଧାରଣା ଦେଇଥିଲେ ।

ସମୂହ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବୃକ୍ଷ ହିଁ ଜୀବନ । କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ ଦ୍ୱାରା ତା ୧୭.୦୯.୨୦୧୯ ତିଖ ଦିନ ଅଚାଦିରା ବ୍ଲକ ଅନ୍ତର୍ଗତ ଲହଣ୍ଡା ଗ୍ରାମରେ ସମୂହ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପାଖାପାଖି ୨୦୦ ରୁ ଊର୍ଦ୍ଧ୍ୱ ଚାଷୀ ଅଂଶ ଗ୍ରହଣ କରିଥିଲେ । ଏଥିରେ ଅଁଳା, ରାଧାଚୂଡ଼ା, କାଜିଁଶ, କାଂଚନ, ଏବଂ ଆକାସିଆ ଗଛର ୧୦୦୦ଟାରୁ ୨୦୦ ଚାଷୀଙ୍କ ମଧ୍ୟରେ ବିତରଣ କରାଯିବା ସହ ବୃକ୍ଷରୋପଣ ମଧ୍ୟ କରାଯାଇଥିଲା । ଏଠାରେ ଉପସ୍ଥିତ ସମସ୍ତ ଗ୍ରାମବାସୀଙ୍କୁ ନିଜ ଗ୍ରାମରେ ବୃକ୍ଷ ରୋପଣର ଉପକାରିତା ସହ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଆହ୍ୱାନ ଦିଆଯାଇଥିଲା ।

ପ୍ରକାଶକ ଓ ମୁଖ୍ୟ ସମ୍ପାଦକ : ଶ୍ରୀ ନୃସିଂହ ଚରଣ ବାଲିକ, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
ସମ୍ପାଦିକା: ଶ୍ରୀମତୀ ସୁଶ୍ରୀତା ସାହୁ, ବୈଜ୍ଞାନିକା (ଗୃହ ବିଜ୍ଞାନ)
ସମ୍ପାଦନା ମଣ୍ଡଳୀ :
ଶ୍ରୀ ସନତ କୁମାର ମେହେର, ବୈଜ୍ଞାନିକ (ଉଦ୍ୟାନ କୃଷି)
ରୁଚିରା ବେରମ୍, ବୈଜ୍ଞାନିକା (ଉଦ୍ଭିଦ ବିଜ୍ଞାନ)
ଶ୍ରୀ ଭାସକ କହୁ ପଣ୍ଡା, ବୈଜ୍ଞାନିକ (କୃଷି ଯାନ୍ତ୍ରିକ)
ଶ୍ରୀ ଆଲୋକ କୁମାର ସାହୁ, ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ସଂପ୍ରସାରଣ)
ଶ୍ରୀ ବୀରେନ୍ଦ୍ର ହେମ୍ବ୍ରମ, କାର୍ଯ୍ୟ ନିର୍ବାହୀ (ଉଦ୍ଭିଦ ବିଜ୍ଞାନ)
ଶ୍ରୀମତୀ ପ୍ରାର୍ଥନା ମହାନ୍ତି, କ୍ଷେତ୍ର ପରିଚାଳିକା

ଯୋଗାଯୋଗ : କୃଷି ବିଜ୍ଞାନ କେନ୍ଦ୍ର, ବରଗଡ, ଭାମାରୀପାଲି,
ପୋ : ଲରମା, ଜିଲ୍ଲା : ବରଗଡ, ଓଡିଶା
ଫୋନ : ୦୬୬୮୨-୨୨୫୨୩୮
E-Mail : kvkbaragarh.ouat@gmail.com,
Web site : www.kvkbargarh.org

Designed : Sanat Kumar Meher, PA (C), KVK Bargarh.
Printed at : RPM Brand Partner, Bargarh

Krishi Vigyan Kendra
Bargarh
Odisha University of
Agriculture & Technology
Bhubaneswar

ଧନୁଶ୍ରୀ
Dhanushree

ICAR
କୃଷି ବିଜ୍ଞାନ କେନ୍ଦ୍ର
ବରଗଡ଼
ଓଡିଶା କୃଷି ଓ ବୈଜ୍ଞାନିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ତ୍ରୟୋଦଶ ବର୍ଷ | ଅପ୍ରିଲ-ସେପ୍ଟେମ୍ବର ୨୦୧୯ | ପ୍ରଥମ ସଂଖ୍ୟା

ମାନ୍ୟବର ସଂସଦଙ୍କ ଦ୍ୱାରା ଜାତୀୟ ପଶୁଧନ ରୋଗ ନିରାକରଣ ଏବଂ କୃତ୍ରିମ ପ୍ରଜନନ ଶିବିରର ଉଦ୍‌ଘାଟନ

କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ତା ୧୧.୦୯.୨୦୧୯ ତିଖ ଦିନ ମାନ୍ୟବର ସଂସଦ ଶ୍ରୀ ସୁରେଶ ପୂଜାରୀ ଜାତୀୟ ପଶୁଧନ ରୋଗ ନିରାକରଣ ଏବଂ କୃତ୍ରିମ ପ୍ରଜନନ ଶିବିରର ଉଦ୍‌ଘାଟନ କରି ମାନ୍ୟବର ପ୍ରଧାନ ମନ୍ତ୍ରୀଙ୍କ ରାଷ୍ଟ୍ର ଠାରେ ଉଦ୍‌ଘାଟନ ର ସିଧା ପ୍ରସାରଣ ରେ ଉପସ୍ଥିତ ରହି ଚାଷୀ ମାନଙ୍କୁ ପଶୁଧନ ରକ୍ଷଣାବେକ୍ଷଣ ର ଗୁରୁତ୍ୱ ଉପରେ ଆଲୋକପାତ କଲେ । ଏହି ଶିବିରରେ ଜିଲ୍ଲା ମୁଖ୍ୟ ପଶୁଧନ ଅଧିକାରୀ ଙ୍କ ତତ୍ତ୍ୱାବଧାନରେ ପଶୁ ବିଭାଗୀୟ ଅଧିକାରୀ ମାନେ ଏକ କର୍ମଶାଳାର ଆୟୋଜନ କରିବା ସହ କୃତ୍ରିମ ପ୍ରଜନନ ଗାଈମାନଙ୍କ ଉପରେ କିପରି କରାଯାଏ ତାହା ମଧ୍ୟ ଚାଷୀମାନଙ୍କୁ ବୁଝାଇ ଦେଖାଇଥିଲେ । ଏହି ସଭାରେ ଜିଲ୍ଲାର ମୋଟ ୨୧୫ ଜଣ ଚାଷୀ ଏବଂ ୨୫ ଜଣ ଜିଲ୍ଲା ବିଭାଗୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ ।

ପଞ୍ଚବାର୍ଷିକ ପର୍ଯ୍ୟବେକ୍ଷଣ ଗୋଷ୍ଠୀ (QRT) ଦ୍ୱାରା କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟାବଳୀର ସମୀକ୍ଷା

ତା ୦୭.୦୯.୨୦୧୯ ଦିନ ପଞ୍ଚ ବାର୍ଷିକ ପର୍ଯ୍ୟବେକ୍ଷଣ ଗୋଷ୍ଠିର ସଦସ୍ୟ ମାନଙ୍କ ଦ୍ୱାରା କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ ର ଆର୍ଥିକ ବର୍ଷ ୨୦୧୧-୧୨ ଠାରୁ ୨୦୧୮-୧୯ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ସମସ୍ତ କାର୍ଯ୍ୟାବଳୀର ସମୀକ୍ଷା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଫେସର ଆର.କେ.ସାମନ୍ତ ଙ୍କ ସଭାପତିତ୍ୱରେ ଅନ୍ୟାନ୍ୟ ICAR ସଦସ୍ୟମାନେ ଓ ICAR-ATARI, କୋଲକାତା ର ନିର୍ଦ୍ଦେଶକ ଡ. ଏସ୍, ଏସ୍, ସିଂ ଉପସ୍ଥିତ ରହି ବିଗତ ୮ ବର୍ଷ ର ବିଭିନ୍ନ କାର୍ଯ୍ୟକ୍ରମର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିବା ସହ ବିଭିନ୍ନ ପ୍ରଦର୍ଶନ କ୍ଷେତ୍ରକୁ ବୁଲି ଜିଲ୍ଲାରେ କୃଷିର ସର୍ବାଙ୍ଗୀନ ଉନ୍ନତି ପାଇଁ କୃଷି ବିଜ୍ଞାନ କେନ୍ଦ୍ର ର ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର କୃଷି ଓ ଆନୁସଙ୍ଗିକ ବିଭାଗର ବରିଷ୍ଠ ଅଧିକାରୀ ବୃନ୍ଦ, ଅଗ୍ରଣୀ ଚାଷୀ, କୃଷିଜୀବୀ ମହିଳା, ମହିଳା ସ୍ୱୟଂ ସହାୟିକା ଗୋଷ୍ଠିର ସଦସ୍ୟା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ଆଦି ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ୨ ଟି ଇଂରାଜି କ୍ଷୁଦ୍ର ପୁସ୍ତିକା (Successful Agro technology of Bargarh, Success stories of Bargarh) ଏବଂ ଗୋଟିଏ ଓଡ଼ିଆ କ୍ଷୁଦ୍ର ପୁସ୍ତିକା (ବୈଜ୍ଞାନିକ ପଦ୍ଧତିରେ ଚିନାବାଦାମ ଚାଷ) ଅତିଥି ଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା ।

ମକା ଫସଲରେ କାଣ୍ଡବିନ୍ଧା ପୋକର ଦମନ

କୃଷି ବିଜ୍ଞାନ କେନ୍ଦ୍ର, ବରଗଡ ତରଫରୁ ମକା ଫସଲରେ କାଣ୍ଡବିନ୍ଧା ପୋକର ଦମନ ପାଇଁ ବିଜେପୁର ବ୍ଲକ ଅନ୍ତର୍ଗତ କେଉଟିପାଲି ଗ୍ରାମରେ ୧.୦ ହେକ୍ଟର ଜମିରେ କ୍ଷେତ୍ର ପ୍ରଦର୍ଶନୀ କରାଯାଇଥିଲା । ଏହି ମକା କ୍ଷେତରେ ନୂତନ ପିଢ଼ୀ କୀଟନାଶକ ଫ୍ଲୁବେଣ୍ଡାମାଇଡ୍ ୪୮୦ ଏସ୍.ସି- ୧୦ ଲିଟର ପାଣିରେ ୨ ମିଲି ଓ ଏହାର ସାତ ଦିନ ପରେ କେଉଟାମେଥ୍ରିନ୍ ୨.୮ ଇ.ସି -୧୦ ଲିଟର ପାଣିରେ ୮ ମିଲି ଗୋଳାଇ ସିଞ୍ଚନ କରାଯାଇଥିଲା । ଏହା ମକା ଫସଲକୁ କାଣ୍ଡବିନ୍ଧା ପୋକ ଦାଉରୁ ସମ୍ପୂର୍ଣ୍ଣ ରକ୍ଷା କରିଥିଲା ।

ମୁଗ ଫସଲରେ ତୃଣ ନିୟନ୍ତ୍ରଣ ପାଇଁ ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ

ଆମ ରାଜ୍ୟରେ ବିଭିନ୍ନ ଡାଲିଜାତୀୟ ଫସଲ ମଧ୍ୟରେ ମୁଗ ଚାଷ ପ୍ରଧାନ ଓ ଲୋକ ପ୍ରିୟ । ଏହି ଫସଲ ଖରିଫ ଋତୁରେ ବର୍ଷା ଜଳ ଉପରେ ନିର୍ଭର କରି, ଶୀତ ଋତୁରେ ମାଟିରେ ଥିବା ବତର ଉପରେ ନିର୍ଭର କରି ଓ ବସନ୍ତ, ଗ୍ରୀଷ୍ମ ଋତୁରେ ଜଳ ସେଚନ ଉପରେ ନିର୍ଭର କରି ଚାଷ କରାଯାଏ । ମୁଗରେ ବଡ଼ ମୁଥା, ସୁଆଁ, ବଣ ସୋରିଷ, ଭୂଇଁ ଅଁଳା, କାକୁଡ଼ିଆ ଘାସ ଆଦି ଦେଖାଯାଏ । କମ ଖର୍ଚ୍ଚରେ ସୁବିଧାରେ ଅନାବନା ଘାସ ନିୟନ୍ତ୍ରଣ କରିବା ପାଇଁ ରାସାୟନିକ ଔଷଧ ବ୍ୟବହାର କରାଯାଇପାରେ । ଏଥି ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ ତରଫରୁ କ୍ଷେତ୍ର ପ୍ରଦର୍ଶନୀ କରାଯାଇଥିଲା । ଏହି କ୍ଷେତ୍ର ପ୍ରଦର୍ଶନୀ ରେ ୧୦ ଜଣ ଚାଷୀ ଙ୍କ ଜମିରେ (Pendimethalin 30 EC) ହେକ୍ଟର ପ୍ରତି ୨୦୦୦ ମି.ଲି ୩ ଦିନ ମଧ୍ୟରେ ଓ (Quizalofop- ethyl 5% EC) ହେକ୍ଟର ପ୍ରତି ୧୦୦୦ ମି.ଲି ୨୦ ଦିନ ମଧ୍ୟରେ ପ୍ରୟୋଗ କରାଯାଇଥିଲା । ଏହା ଦ୍ୱାରା ମୁଗରେ ସଫଳ ଭାବେ ତୃଣ ନିୟନ୍ତ୍ରଣ ହୋଇ ୨୦% ଅଧିକ ଅମଳ ହୋଇପାରିଥିଲା ।

ସମ୍ମାନନୀୟ ଅତିଥି ମାନଙ୍କର କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ

ତା: ୦୯.୦୪.୨୦୧୯ ରିଖ ଦିନ କୃଷିବିଜ୍ଞାନ କେନ୍ଦ୍ର, ବରଗଡ଼ ପରିସରକୁ ଓ.ୟୁ.ଏ.ଟି ବୋର୍ଡ଼ ଅଫ ମ୍ୟାନେଜମେଣ୍ଟ ର ସଦସ୍ୟ ପ୍ରଫେସର ସୁରେଶ ଚନ୍ଦ୍ର ପଟ୍ଟନାୟକଙ୍କ ଆଗମନ ହୋଇଥିଲା । ସେ ସମସ୍ତ ପ୍ରଦର୍ଶନ ୟୁନିଟ୍ ଯଥା ଆଳୋଲା ୟୁନିଟ୍ ଜିଆ ଖତ ପ୍ରସ୍ତୁତି ଗୃହ, କୁକୁଡ଼ା ପାଳନ ଗୃହ, ରଙ୍ଗୀନ୍ ମାଛ ପାଳନ ୟୁନିଟ୍, ଜୈବିକ ପୋଷଣ ଉଦ୍ୟାନ, ବିହନ ଭଣ୍ଡାର ଘର ଇତ୍ୟାଦି ପ୍ରଦର୍ଶନ କରି ଭୂୟସୀ ପ୍ରଶଂସା କରିଥିଲେ । ତା: ୨୫.୦୪.୨୦୧୯ ରିଖ ଦିନ ଓ.ୟୁ.ଏ.ଟି କୃଷି ଅନୁସନ୍ଧାନ ବିଭାଗର ଅଧ୍ୟକ୍ଷ ଡ. ଲଳିତ ମୋହନ ରଉତ୍‌ରାୟକ ଏବଂ ଓ.ୟୁ.ଏ.ଟି କୃଷି ଶିକ୍ଷା ବିଭାଗର ଅଧ୍ୟକ୍ଷ ଡ. କୁମ ରାଉତ କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ ପରିଦର୍ଶନ ଅଭିମୁଖେ ଆସି ବିଭିନ୍ନ କିସମର ଧାନ,ମୁଗ,ବିରି, ହରଡ଼, ଆଦି ଶସ୍ୟ ବିଭାଗର ଅନୁସନ୍ଧାନ ୟୁନିଟ୍ ଗୁଡ଼ିକର ସବିଶେଷ ବିବରଣୀ ନେଇଥିଲେ ।

ଜଳ ସଂରକ୍ଷଣ ଓ ସୁପରିଚାଳନା ଉପରେ ସଚେତନତା ଶିବିର

ମାନ୍ୟବର ପ୍ରଧାନ ମନ୍ତ୍ରୀଙ୍କ ଜଳ ସଂରକ୍ଷଣ ଓ ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିବା ସହ ପ୍ରତି ଜିଲ୍ଲାରେ ଏହା କିପରି କାର୍ଯ୍ୟକରି ରୂପାୟନ ନେଇ ପାରିବ ସେଥିପାଇଁ ସରକାରୀ ଓ ବେସରକାରୀ ସ୍ତରରେ ସମସ୍ତଙ୍କୁ ଏହି ଆନ୍ଦୋଳନରେ ସାମିଲ୍ ହେବା ପାଇଁ ଆହ୍ୱାନ ଦେଇଛନ୍ତି । ଆମର କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଗ୍ରାମୀଣ ଲୋକ ମାନଙ୍କ ମଧ୍ୟରେ ଜଳ ଶକ୍ତିର ଗୁରୁତ୍ୱ, ଜଳ ସଂପଦର ଉପାଦେୟତା, ଜଳ ଅଭାବ ର ଉଦ୍ଭବ ପରିସ୍ଥିତି ଜଳ ବିନିଯୋଗ ଓ ସୁପରି ଚାଳନା ଏବଂ କ୍ଷୁଦ୍ର ଜଳସେଚନ ଭିତ୍ତିକ କୃଷି ଉପରେ ସଚେତନତା ଶିବିର ର ଆୟୋଜନ କରାଯାଇଥିଲା । ତା ୨୪.୦୭.୨୦୧୯ ରିଖ ଦିନ ପଦମପୁର ବ୍ଲକ ଅନ୍ତର୍ଗତ ଚାରପାଲି ଗ୍ରାମରେ, ତା ୦୩.୦୮.୨୦୧୯ ରିଖ କୃଷି ବିଜ୍ଞାନ କେନ୍ଦ୍ର କନଫରେନ୍ସ ହଲରେ, ତା ୦୧.୧୦.୨୦୧୯ରିଖ ଦିନ ଆମଭୋଗ ବ୍ଲକ ଅନ୍ତର୍ଗତ ରାମଖୋଲ ଗ୍ରାମରେ ଏହି ଶିବିର ଆୟୋଜନ କରାଯାଇଥିଲା ।

ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର ର ପ୍ରୟାସ

ସମସ୍ତ ଜିଲ୍ଲାର ଜନମାନସ ମଧ୍ୟରେ ସ୍ୱଚ୍ଛତା ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ବରଗଡ଼ ତା ୧୧.୦୯.୨୦୧୯ ରିଖ ରୁ ତା ୦୨.୧୦.୨୦୧୯ ରିଖ ପର୍ଯ୍ୟନ୍ତ ନିଜକୁ ଏଥିରେ ସାମିଲ୍ କରିଥିଲା । ଏଥି ସହ ବିଭିନ୍ନ ପ୍ରକାରର ସ୍ୱଚ୍ଛତା କାର୍ଯ୍ୟକ୍ରମ ତଥା ଜିଲ୍ଲାର ବିଭିନ୍ନ ଗ୍ରାମରେ ବିଦ୍ୟାଳୟ ଏବଂ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନେକ ପ୍ରକାରର ସ୍ୱଚ୍ଛତା ଅଭିଯାନର ଆୟୋଜନ କରାଯାଇଥିଲା । ସବୁ ବର୍ଗର ଓ ସବୁ ଶ୍ରେଣୀର ଲୋକ ମାନଙ୍କ ପାଇଁ ବ୍ୟକ୍ତିଗତ ପରିଷ୍କାର ଠାରୁ ଆରମ୍ଭ କରି ଶୌଚାଳୟର ବ୍ୟବହାର, ପରିତ୍ୟକ୍ତ ବସ୍ତୁ ନିମନ୍ତେ ନୀଳ ଓ ସବୁଜ ରଙ୍ଗର ମଇଳା ରଖିବା ଡବା (ଜଞ୍ଜାଳିନ) ର ବ୍ୟବହାର, କୃଷିଜାତ ବର୍ଜ୍ୟ ବସ୍ତୁର ଫୁନରୁଦ୍ଧାର ଏବଂ ଘରକୁ ଘର ବୁଲି ଜନ ଜାଗରଣ ସୃଷ୍ଟି କରାଯାଇଥିଲା । ଏଥିରେ ପାଖା ପାଖି ୧୫ ଗ୍ରାମର ୧୭୫୦ ଜଣ ଲୋକ ମାନଙ୍କ ନିକଟରେ ସ୍ୱଚ୍ଛତା ବାର୍ତ୍ତା ପହଞ୍ଚି ପାରିଥିଲା । ଏହାର ଉଦ୍‌ଯାପନୀ ଦିବସରେ ନିକଟସ୍ଥ ଛନ୍ଦପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ ମଧ୍ୟ କରାଯାଇଥିଲା । ଏଥିରେ ଉପସ୍ଥିତ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ନିଜର ଗ୍ରାମରେ ସ୍ୱଚ୍ଛତା ଅଭିଯାନ ସହ କୃଷିରୋପଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା ।

ଡାଲି ଜାତୀୟ ବିହନ ଅମଳ ଯନ୍ତ୍ରର କ୍ଷେତ୍ର ପରୀକ୍ଷଣ

ସାଧାରଣତଃ ଚାଷୀମାନେ ମୁଗ ହରଡ କିମ୍ବା ବିରିକୁ ହାତରେ କାଟିକରି କିମ୍ବା ପାୱାର ଟିଲର କିମ୍ବା ଟ୍ରାକ୍ଟରରେ ମଡାଇ ଅମଳ କରିଥାନ୍ତି । ଏଥିପାଇଁ ସେମାନଙ୍କର ବହୁତ ଶ୍ରମ ଏବଂ ସମୟ ଖର୍ଚ୍ଚ ହୋଇଥାଏ ଏବଂ ଲାଗିଯିବା ଦ୍ୱାରା କମ୍ ଅମଳ ବି ହୋଇଥାଏ । ଚାଷୀମାନଙ୍କର ଏହି କଷ୍ଟ ଦୂର କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ବରଗଡ ଦ୍ୱାରା ଏକ ବିଦ୍ୟୁତ ଚାଳିତ ଡାଲି ଜାତୀୟ ବିହନ ଅମଳ ଯନ୍ତ୍ରର ବିଭିନ୍ନ ଚାଷୀଙ୍କ ପାଖରେ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଉକ୍ତ ଯନ୍ତ୍ର ଦ୍ୱାରା ଅମଳ ସହିତ ଅନାବଶ୍ୟକ ହାଲୁକା ପଦାର୍ଥ ଅଲଗା ବି କରାଯାଇପାରୁଥିଲା । ଉକ୍ତ ଯନ୍ତ୍ରରେ ଏକ ସିଙ୍ଗଲ୍ ଫେଜ୍ ଇଲେକ୍ଟ୍ରିକ୍ ମଟର, ସଫାକରିବା ପାଇଁ ୨ଟି ଜାଲି ଏବଂ ଗୋଟିଏ ଫ୍ୟାନ ଅଛି । ଉକ୍ତ ଯନ୍ତ୍ରର କିଣା ମୂଲ୍ୟ ଟ. ୮୫୦୦୦/- ଟଙ୍କା । ଛୋଟ କିମ୍ବା ବଡ ମଞ୍ଜି ଅନୁସାରେ ଡାଲି ବଦଳାଇ ପରିବାର ପ୍ରାବଧାନ ଅଛି । ସେହିପରି ଫ୍ୟାନର ବେଗ ମଧ୍ୟ କମ୍-ବେଶୀ କରିପାରିବା । ଏହା ଘଣ୍ଟାକୁ ୫୦ କିଲ୍ଲୋ ଆନୁମାନିକ ମଞ୍ଜି ଅମଳ କରିକରିପାରିବା । ଏଥିରେ ଚାରୋଟି ଛୋଟ ଚକ ଲାଗିଥିବାରୁ ସହଜରେ ସ୍ଥାନାନ୍ତରଣ ସମ୍ଭବ ହୋଇପାରିବ । ଏହାକୁ କିଣିବାପାଇଁ ସରକାରଙ୍କ ତରଫରୁ ଚାଷୀଙ୍କ ପାଇଁ ରିହାତିର ବି ସୁବିଧା ରହିଛି ।

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଦକ୍ଷତା ବୃଦ୍ଧି ନିମନ୍ତେ ତାଲିମ ଶିବିର

ବରଗଡ଼ ଜିଲ୍ଲାର ମିଶନ ଶକ୍ତି ଅନ୍ତର୍ଗତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଦକ୍ଷତା ବୃଦ୍ଧି ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର , ବରଗଡ଼ ତରଫରୁ ଜିଆଖତ ଉତ୍ପାଦନ ବିଷୟରେ ତାଲିମ୍ ପ୍ରଦାନ କରାଯାଇଅଛି । ଏହି ଆଠ ଦିନିଆ ତାଲିମ୍ ଶିବିର ଦୁଇ ପର୍ଯ୍ୟାୟ ବିଶିଷ୍ଟ ଅଟେ । ଏହା ଦ୍ୱାରା ମହିଳା ମାନେ ଜୈବ ବିଘଟନଶୀଳ ବର୍ଜ୍ୟବସ୍ତୁକୁ ନେଇ ଜିଆଖତ ପ୍ରସ୍ତୁତ କରିବା ଦ୍ୱାରା ପରିବେଶ ସ୍ୱଚ୍ଛ ରହିବା ସହ ଜିଲ୍ଲାରେ ରାସାୟନିକ ସାରର ପ୍ରୟୋଗକୁ କେବେଳଂଶରେ କମ୍ କରାଯାଇପାରିବ । ଏହାଛଡ଼ା ସିଧାସଳଖ ଜିଆଖତ, ଓ ଜିଆଜଳସାରକୁ ବିକ୍ରି କରି ଆର୍ଥିକ ସ୍ଥିତି କୁ ସୁଦୃଢ଼ କରିବା ସହ ପୋଷଣ ବଗିଚାରେ ଏହାକୁ ବ୍ୟବହାର କରି ଉନ୍ନତ ମାନର ଫଳ ଓ ପନିପରିବା ପାଇପାରିବେ । ଏହି କାର୍ଯ୍ୟକ୍ରମରେ ଚଳିତ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଅତଦିନିରା ଓ ଭେଡେନ ବ୍ଲକ ପାଖାପାଖି ୫୦ ଜଣ ମହିଳାସଦସ୍ୟା ମାନଙ୍କୁ ତାଲିମ୍ ପ୍ରଦାନ କରାଯାଇଅଛି ।

ଜିଲ୍ଲା ସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ପାଳନ

ତା ୦୭.୦୫.୨୦୧୯ ରିଖ ଦିନ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବରଗଡ଼ ଜିଲ୍ଲାପାଳ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ କୃଷି ବିଜ୍ଞାନ କେନ୍ଦ୍ର , ଗମାରିପାଲି ପରିସରରେ ଭୂମିପୂଜନ ଓ ଅଖ୍ୟ ମୁଠି ଅନୁକୂଳ କରି ଜିଲ୍ଲାର ସୁନାର ଫସଲ ନିମନ୍ତେ ପ୍ରାର୍ଥନା କରିଥିଲେ । ଏଥିଠାରେ ୨୫୦ ଚାଷୀ ଙ୍କ ସମାଗମ ହୋଇଥିଲା । ଏହି ଅବସରରେ ବୈଜ୍ଞାନିକ ଓ କୃଷକ ଙ୍କ ମଧ୍ୟରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ବରଗଡ଼ ଜିଲ୍ଲାର ଅଗ୍ରଣୀ ଚାଷୀ ଶ୍ରୀ ସଦାନନ୍ଦ ବୁଢ଼ିଆ, ଶ୍ରୀ ଅଗସ୍ତା ସାହୁ ଓ ଶ୍ରୀ ଶ୍ରୀମୁଖ ସାହୁ କୁ ସମ୍ମାନିତ କରାଯାଇଥିଲା ।

ପାଳ ଛତୁର ନୂତନ କିସମ ଓ.ଏସ.ଏମ-୧୧ ର ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ

ସମଗ୍ର ଓଡ଼ିଶାରେ ବରଗଡ଼ ଜିଲ୍ଲା ଧାନ ଚାଷରେ ଅଗ୍ରଣୀ ସ୍ଥାନ ହାସଲ କରିଛି । ଏହି ଧାନ ଚାଷରୁ ମିଳୁଥିବା ପାଳ ବ୍ୟବହାର କରି ଛତୁ ଚାଷ କରିବାରେ ଜିଲ୍ଲାର ମହିଳା ଚାଷୀ ମାନଙ୍କର ଆଗ୍ରହ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗୁଛି । ତେଣୁ ଏହାକୁ ଆହୁରି ଅଧିକ ଲାଭଜନକ କରିବାପାଇଁ କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ ଦ୍ୱାରା ଓ.ୟୁ.ଏ.ଟି. ସ୍ଥିତ ସି.ଟି.ଏମ.ଆର.ଟି. ରୁ ବାହାର କରାଯାଇଥିବା ନୂତନ କିସମ ଓ.ଏସ.ଏମ-୧୧ ର ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଏଥିରେ ଅଁଳାଂଟା, ବୁଢାଗୁଡ଼ିଜରା ଓ କର୍ଣ୍ଣଟିକ୍ସା ଆଦି ଗ୍ରାମର ୧୦ ଜଣ ମହିଳା ଚାଷୀଙ୍କୁ ଏହି ନୂତନ କିସମର ବିହନ ଯୋଗାଇ ଦିଆଯାଇଥିଲା । ଏହାଦ୍ୱାରା ସେମାନେ ପୂର୍ବ କିସମ "ଭଲଭାଲିଆ ଭଲଭାଲିଆ" ଅପେକ୍ଷା ୧୩ % ଅଧିକ ଅମଳ ପାଇପାରିଥିଲେ । ସ୍ଥାନୀୟ ବଜାରରେ ଏହି ଫୁଟାଛତୁର ଆକାର ଅପେକ୍ଷାକୃତ ବଡ ହୋଇଥିବାରୁ ବେଶ ଆଦୃତ ଲାଭ କରିଥିଲା ।